- ଏହି ସମୟ ମଧ୍ୟରେ କିମ୍ବା ଘରକୁ ଯିବା ପରେ ଯଦି କିଛି ପାର୍ଶ୍ୱ ପ୍ରତିକ୍ରିୟା (ମୁଣ୍ଡ ବୁଲାଇବା / ବାନ୍ତି ଲାଗିବା / ଧଇଁସଇଁ ଲାଗିବା / ଦେହ ହାତ କୁଣ୍ଡାଇ ହେବା କିମ୍ବା ଲାଲ୍ ପଡିଯିବା / ଜ୍ୱର ଆସିବା / ଗଣ୍ଠି ବିନ୍ଧା ହେବା / ଛାତି ଧଡ ଧଡ ହେବା) ଦେଖାଦିଏ ତେବେ ତୁରନ୍ତ ଡାକ୍ତର / ସ୍ୱାସ୍ଥ୍ୟକର୍ମୀ / ଆଶାକର୍ମୀଙ୍କୁ ଜଣାଇବା ଉଚିତ୍ ।

**୧୫. ଟୀକାକରଣ ପରେ ହିତାଧିକାରୀଙ୍କୁ କୌଣସି ପ୍ରମାଣପତ୍ର ଦେବାର ବ୍ୟବସ୍ଥା ଅଛି କି ?**

ଉ- ହଁ, ଟୀକା ନେବାପରେ ହିତାଧିକାରୀ ମୋବାଇଲ ମେସେଜ ପାଇବେ । ସମ୍ପୂର୍ଣ୍ଣ ମାତ୍ରା ନେଇ ସାରିଲେ ତାଙ୍କ ପଞ୍ଜୀକୃତ ମୋବାଇଲ୍ ନମ୍ବରରେ ଏକ ପ୍ରମାଣ ପତ୍ର ମଧ୍ୟ ପଠାଯିବ ।

**୧୬. ଯଦି ଜଣେ କ୍ୟାନ୍ସର, ଡାଇବେଟିସ୍, ବ୍ଲଡ୍ ପ୍ରେସର ଆଦି ରୋଗ ଭୋଗୁଥିବେ ସେମାନେ ଏହି ଟୀକା ନେଇ ପାରିବେ କି ?**

ଉ- ହଁ, ସେମାନେ ଏହି ଟୀକା ନେବା ଜରୁରୀ ଓ ସେମାନଙ୍କୁ ଅଗ୍ରାଧିକାର ଭିତ୍ତିରେ ଏହା ଦିଆଯିବ ।

**୧୭. କୋଭିଡ୍ ଟୀକାର କିଛି ପାର୍ଶ୍ୱପ୍ରତିକ୍ରିୟା ଅଛିକି ?**

ଉ- ଅନେକ ପରୀକ୍ଷା ନିରୀକ୍ଷା ପରେ ହିଁ ଏହି ଟୀକା ବ୍ୟବହାର କରାଯାଉଛି । ଅନ୍ୟ ସମସ୍ତ ପ୍ରକାର ଟୀକାର ଯେମିତି ଅଳ୍ପ କିଛି କ୍ଷେତ୍ରରେ ପାର୍ଶ୍ୱ ପ୍ରତିକ୍ରିୟା ଦେଖାଯାଏ ଏଥିରେ ମଧ୍ୟ ସେହି ପରି ଅଳ୍ପ ଜ୍ୱର, ଟୀକା ନେଇଥିବା ସ୍ଥାନରେ ସାମାନ୍ୟ ଯନ୍ତ୍ରଣା, ଫୁଲା ଆଦି ହୋଇପାରେ । ସେଥିପାଇଁ ବ୍ୟସ୍ତ ହେବାର କିଛି ନାହିଁ । ଏହା ବ୍ୟତୀତ କ୍ୱଚିତ୍ କ୍ଷେତ୍ରରେ ଅଧିକ ପ୍ରତିକ୍ରିୟା ହୋଇପାରେ । ତାହାର ଚିକିତ୍ସା ପାଇଁ ମଧ୍ୟ ବ୍ୟାପକ ବ୍ୟବସ୍ଥା କରାଯାଇଅଛି ।

**୧୮. କୋଭିଡ୍ ଟୀକାର କେତୋଟି ମାତ୍ରା ନେବାକୁ ପଡିବ ଓ କେତେ ଦିନ ବ୍ୟବଧାନରେ ନେବାକୁ ହେବ ?**

ଉ- ୨୮ ଦିନ ବ୍ୟବଧାନରେ ଦୁଇଟି ଟୀକା ନେବାକୁ ହେବ ।

**୧୯. ଟୀକା ନେବାର କେତେ ଦିନ ପରେ ସମ୍ପୂର୍ଣ୍ଣ ରୋଗ ପ୍ରତିରୋଧକ ଶକ୍ତି ଉତ୍ପନ୍ନ ହେବ ଓ ରୋଗରୁ ସୁରକ୍ଷା ମିଳିବ ?**

ଉ- ଟୀକାର ଦ୍ୱିତୀୟ ମାତ୍ରା ନେବାର ଦୁଇ ସପ୍ତାହ ପରେ ସାଧାରଣତଃ ଉପଯୁକ୍ତ ପରିମାଣର ରୋଗ ପ୍ରତିରୋଧକ ଶକ୍ତି ଉତ୍ପନ୍ନ ହେବ ।

**୨୦. ଗର୍ଭବତୀ ମହିଳା କୋଭିଡ୍ ଟୀକା ନେଇପାରିବେ ନା ନାହିଁ ?**

ଉ- ନାଁ । ବର୍ତ୍ତମାନ ପାଇଁ ବୈଷୟିକ କାରଣ ଦୃଷ୍ଟିରୁ ଗର୍ଭବତୀ ମହିଳାଙ୍କୁ ଟୀକା ଦିଆଯିବାର ବନ୍ଦୋବସ୍ତ ନାହିଁ ।

**୨୧. ସବୁ ବୟସର ବ୍ୟକ୍ତିଙ୍କୁ କୋଭିଡ୍ ଟୀକା ଦିଆଯାଇ ପାରିବ କି ?**

ଉ- ବର୍ତ୍ତମାନ ପର୍ଯ୍ୟନ୍ତ ଯାହା ଜଣା ଅଛି, କେବଳ ୧୮ ବର୍ଷରୁ ଉର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ଏହା ଦିଆଯିବ ।

**୨୨. କୋଭିଡ୍ ଟୀକା ନେଇ ସାରିବା ପରେ ମଧ୍ୟ ମାସ୍କ ପିନ୍ଧିବା, ହାତ ଧୋଇବା ଓ ଶାରୀରିକ ଦୂରତା ରକ୍ଷା କାହିଁକି ଜରୁରୀ ?**

ଉ- କୌଣସି ଗୋଟିଏ ପଦ୍ଧତି ଦ୍ୱାରା କୋଭିଡ୍‌କୁ ୧୦୦% ରୋକିବା ଏପର୍ଯ୍ୟନ୍ତ ସଫଳ ହୋଇନାହିଁ । ତେଣୁ ଏକାଧିକ ବ୍ୟବସ୍ଥାକୁ ଆପଣେଇବା ନିହାତି ଜରୁରୀ ।

**୨୩. ନୂଆକରି ଆସିଥିବା ବ୍ରିଟେନ୍ ପ୍ରଜାତିର ଭୂତାଣୁକୁ ଏହି ଟୀକା ପ୍ରତିରୋଧ କରିପାରିବ କି ?**

ଉ- ଏପର୍ଯ୍ୟନ୍ତ ବିଶେଷଜ୍ଞମାନେ ଯାହା ମତ ଦେଉଛନ୍ତି, ଏହି ଟୀକା ବ୍ରିଟେନ୍ ପ୍ରଜାତିର ଭୂତାଣୁ ବିରୁଦ୍ଧରେ ମଧ୍ୟ ସୁରକ୍ଷା ଦେବ ।

**୨୪. ଆମ ରାଜ୍ୟରେ ସମସ୍ତ ହିତାଧିକାରୀଙ୍କୁ ଟୀକାକରଣ କରିବା ପାଇଁ ପ୍ରାୟତଃ କେତେଦିନ ଲାଗିବ ?**

ଉ- ପ୍ରାୟ ୨ ମାସ ଲାଗିବ । କାରଣ ଗୋଟିଏ ଅଧିବେଶନରେ ୧୦୦ ଜଣଙ୍କୁ ଟୀକା ଦେବାର ବ୍ୟବସ୍ଥା ଅଛି ।

**୨୫. ବିଦେଶରେ ଜଣେ ଡାକ୍ତର ଓ ଜଣେ ନର୍ସ ଏହି ଟୀକାନେବା ପରେ ମୃତ୍ୟୁବରଣ କରିଥିବା ଗଣମାଧ୍ୟମରେ ଆସିଛି । ଆମ ରାଜ୍ୟରେ ସେପରି ହେବ ନାହିଁ ତ ?**

ଉ- ସେମାନଙ୍କର ମୃତ୍ୟୁର କାରଣ ଟୀକା ବୋଲି ପ୍ରମାଣିତ ହୋଇ ନାହିଁ । ତା'ଛଡା ଟୀକାର ଉପକାରିତା ଏହା ତୁଳନାରେ ବହୁ ଗୁଣରେ ଅଧିକ । ସୁତରାଂ ଏଥିପାଇଁ ଆଦୌ ଚିନ୍ତିତ ହେବାର ନାହିଁ ।

## ଟୀକାକରଣ ପାଇଁ ଧ୍ୟାନ ଦିଅନ୍ତୁ

ଆପଣଙ୍କ ଫଟୋ ପରିଚୟପତ୍ର ଯାଞ୍ଚପାଇଁ ସାଙ୍ଗରେ ନିଅନ୍ତୁ

ଟୀକାକରଣ ପରେ ୩୦ ମିନିଟ୍ ନିର୍ଦ୍ଧାରିତ କକ୍ଷରେ ଅପେକ୍ଷା କରନ୍ତୁ

ସମ୍ପୂର୍ଣ୍ଣ ସୁରକ୍ଷା ପାଇଁ ଦ୍ୱିତୀୟ ଟୀକାକୁ ନିର୍ଦ୍ଧାରିତ ସମୟରେ ନିଅନ୍ତୁ

**ସମ୍ପୂର୍ଣ୍ଣ ସୁରକ୍ଷା ନିମନ୍ତେ ଟୀକା ନେବା ପରେ ମଧ୍ୟ ଏହି ୫ଟି ନିୟମ ପାଳନ କରନ୍ତୁ**

- ସଠିକ୍ ଭାବେ ମାସ୍କ ପିନ୍ଧନ୍ତୁ
- ହାତକୁ ବାରମ୍ବାର ଭଲଭାବେ ସାବୁନ୍ ପାଣିରେ ସଫା କରନ୍ତୁ ବା ସାନିଟାଇଜର ବ୍ୟବହାର କରନ୍ତୁ
- ପରସ୍ପର ଠାରୁ ୬ ଫୁଟ୍ ଦୂରତା ବଜାଇ ରଖନ୍ତୁ
- ଲକ୍ଷଣ ଦେଖାଦେଲେ ତୁରନ୍ତ ଅନ୍ୟଠାରୁ ଦୂରେଇ ରୁହନ୍ତୁ
- ଲକ୍ଷଣ ଦେଖିବା ମାତ୍ରେ କୋଭିଡ୍ ପରୀକ୍ଷା କରାଇ ନିଅନ୍ତୁ



# କୋଭିଡ୍-୧୯ ଟୀକାକରଣ ବିଷୟରେ ମନକୁ ଆସୁଥିବା କିଛି ପ୍ରଶ୍ନ ଓ ତା'ର ଉତ୍ତର

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ**
**ଓଡ଼ିଶା ସରକାର**




**୧. ଖୁବ୍ କମ୍ ଦିନ ମଧ୍ୟରେ ତିଆରି କରାଯାଉଥିବା ଏହି ଟୀକା ନିରାପଦ ଓ ଫଳପ୍ରଦ ଅଟେକି ?**

ଉ- ଦେଶର ନିୟାମକ ଓ ନିୟନ୍ତ୍ରକ ଦଳ ଏହାର ବୈଜ୍ଞାନିକ ପରୀକ୍ଷା ନିରୀକ୍ଷା କରି ଅନୁମତି ଦେବା ପରେ ଟୀକା ବ୍ୟବହାର ପାଇଁ ଅଣାଯାଇଛି । ତେଣୁ ଏହା ନିରାପଦ ଓ ଫଳପ୍ରଦ ଅଟେ ।

**୨. କୋଭିଡ୍ ଟୀକା ନେବା ବାଧ୍ୟତାମୂଳକ କି ?**

ଉ- ନା, ଏହା ଇଚ୍ଛାଧୀନ । କିନ୍ତୁ ନିଜକୁ କୋଭିଡ୍ ସଂକ୍ରମଣରୁ ସୁରକ୍ଷିତ ରଖିବାକୁ ଓ ସମାଜରେ କୋଭିଡ୍ ସଂକ୍ରମଣ ରୋକିବାକୁ ଟୀକା ନେବା ଉଚିତ୍ ।

**୩. କୋଭିଡ୍ ଟୀକା ସମସ୍ତଙ୍କୁ ଏକ ସମୟରେ ଦିଆଯିବ କି ?**

ଉ- ନା । ଏହା ପର୍ଯ୍ୟାୟ କ୍ରମେ ଦିଆଯିବ । ଯେଉଁମାନେ ସଂକ୍ରମିତ ରୋଗୀମାନଙ୍କର ସିଧା ସଳଖ ସଂସ୍ପର୍ଶରେ ପ୍ରତି ମୁହୂର୍ତ୍ତରେ ଆସୁଛନ୍ତି କିମ୍ବା ଯେଉଁମାନଙ୍କର ଅନ୍ୟ କେତେକ ଶାରୀରିକ ବା ସ୍ୱାସ୍ଥ୍ୟଗତ ସମସ୍ୟା ରହିଛି ସେମାନଙ୍କୁ ସଂକ୍ରମଣ ହେବାର ଆଶଙ୍କା ସବୁଠାରୁ ଅଧିକ । ତେଣୁ ସେଇଭଳି ବ୍ୟକ୍ତିମାନଙ୍କୁ ପ୍ରଥମ ପର୍ଯ୍ୟାୟରେ ଟୀକା ଦେବାକୁ ସରକାର ସ୍ଥିର କରିଛନ୍ତି । ଏହି ବ୍ୟକ୍ତିମାନେ ହେଲେ :

- କୋଭିଡ୍ ରୋଗୀଙ୍କ ସେବାରେ ନିଯୁକ୍ତ ତଥା ସିଧାସଳଖ ସେମାନଙ୍କ ସଂସ୍ପର୍ଶରେ ଆସୁଥିବା ସ୍ୱାସ୍ଥ୍ୟ ସେବା ପ୍ରଦାନକାରୀ ଓ ଆଗଧାଡିର କର୍ମଚାରୀବୃନ୍ଦ ।
- ୫୦ ବର୍ଷରୁ ଅଧିକ ବୟସର କିମ୍ବା ଅଣସଂକ୍ରାମକ ରୋଗରେ ପୀଡିତ ବ୍ୟକ୍ତି ।

ଏମାନଙ୍କୁ ଟୀକା ଦିଆସରିବା ପରେ ପରବର୍ତ୍ତୀ ପର୍ଯ୍ୟାୟରେ ଅନ୍ୟମାନଙ୍କୁ ଟୀକା ଦିଆଯିବ ।

**୪. ସ୍ୱାସ୍ଥ୍ୟ ସେବା ପ୍ରଦାନକାରୀ / ଆଗଧାଡିର କର୍ମଚାରୀଙ୍କ ପରିବାର ମଧ୍ୟ ପ୍ରଥମ ପର୍ଯ୍ୟାୟରେ ଟୀକା ନେବେ କି ?**

ଉ- ନା, ସେମାନଙ୍କୁ ପରେ ଟୀକା ଦିଆଯିବ ।

**୫. ଅନେକ ଗୁଡିଏ ଟୀକା ଉପଲବ୍ଧ ହୋଇ ସାରିଥିବା ବେଳେ କେଉଁ ଟୀକାକୁ ବ୍ୟବହାର କରାଯିବ, ତାହା କିପରି ସ୍ଥିର କରାଯାଉଛି ?**

ଉ- ଜାତୀୟ ଔଷଧ ନିୟନ୍ତ୍ରକ ସଂସ୍ଥା ପ୍ରତ୍ୟେକ ଟୀକାର ନିରାପତ୍ତା, ଔଷଧୀୟ ଉପକାରିତା ଓ କାର୍ଯ୍ୟକାରିତା ଆଦିକୁ ବୈଜ୍ଞାନିକ ପଦ୍ଧତିରେ ଭଲ ଭାବରେ ଯାଞ୍ଚ କରନ୍ତି । ଯେଉଁ ଟୀକା ଆମକୁ ଠିକ୍ ଭାବେ ସୁହାଇବ ଓ ଲାଭ ଦାୟକ ହେବ, ତାହାକୁ ବିଚାରକୁ ନେଇ ଟୀକା ବଛାଯାଏ । କିନ୍ତୁ ଗୋଟିଏ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଯେ ଯେଉଁ ବ୍ୟକ୍ତିଙ୍କୁ ପ୍ରଥମ ମାତ୍ରାରେ ଯେଉଁ ନିର୍ଦ୍ଦିଷ୍ଟ କମ୍ପାନୀର ଟୀକା ବା ପ୍ରକାରର ଟୀକା ଦିଆଯାଇଥିବ, ଦ୍ୱିତୀୟ ମାତ୍ରାରେ ମଧ୍ୟ କେବଳ ସେହି ଟୀକା ଦିଆଯାଇ ପାରିବ ।

**୬. କୋଭିଡ୍‌ରୁ ଆରୋଗ୍ୟ ଲାଭ କରିଥିବା ଜଣେ ବ୍ୟକ୍ତି ଟୀକାନେବା ଦରକାର କି ?**

ଉ- କୋଭିଡ୍ ଏକ ନୂଆ ରୋଗ । ଏହି ରୋଗ ହେଲାପରେ କେତେ ରୋଗ ପ୍ରତିରୋଧକ ଶକ୍ତି ଜାତ ହୁଏ ଓ ତାହା କେତେ ଦିନ ପର୍ଯ୍ୟନ୍ତ ଆମକୁ ସୁରକ୍ଷା ଦିଏ, କହିବା କଷ୍ଟ । ତେଣୁ ଟୀକା ନେଇ ଯିବା ଉଚିତ୍ । ଏହା ଦ୍ୱାରା କିଛି କ୍ଷତି ହେବନି । ବରଂ ରୋଗ ପ୍ରତିରୋଧକ ଶକ୍ତି ଆହୁରି ବଢ଼ିବ ।

**୭. ବର୍ତ୍ତମାନ କୋଭିଡ୍ ପଜିଟିଭ୍ ଚିହ୍ନଟ ହୋଇଥିବା କିମ୍ବା ପଜିଟିଭ୍ ସନ୍ଦେହ ଥିବା ବ୍ୟକ୍ତି ଟୀକା ନେଇ ପାରିବେ କି ?**

ଉ- ସଦ୍ୟ ଚିହ୍ନଟ ହୋଇଥିବା କେଭିଡ୍ ପଜିଟିଭ୍ ବ୍ୟକ୍ତି ଏହି ଟୀକା ନେବା ଅନୁଚିତ । ୧୪ ଦିନ ପରେ କିମ୍ବା ରୋଗର ସମସ୍ତ ଲକ୍ଷଣ ଯାଇସାରିବା ପରେ ସେମାନେ ଟୀକା ନେଇ ପାରିବେ । ଏହି ସମୟରେ ତାଙ୍କ ଦେହରେ ସଂକ୍ରମଣ ସକ୍ରିୟ ଥିବାରୁ ଟୀକା ନେଲେ ତାହା କିଛି ଲାଭ ହେବ ନାହିଁ । ବରଂ ସେ ଟିକା ସ୍ଥଳକୁ ଆସିଲେ ଅନ୍ୟମାନେ ସଂକ୍ରମିତ ହେବାର ଆଶଙ୍କା ବଢ଼ିବ ।

**୮. ଆମ ଦେଶରେ ବିକଶିତ ହୋଇଥିବା ଓ ଦିଆଯାଇଥିବା ଟୀକା ଅନ୍ୟ ଦେଶର ଟୀକା ଭଳି ସମାନ ଭାବରେ କାର୍ଯ୍ୟ କରିପାରିବ ତ ?**

ଉ- ହଁ, ନିଶ୍ଚୟ । କାରଣ ଏ ଟୀକା ମଧ୍ୟ ସମାନ ପରୀକ୍ଷା ନିରୀକ୍ଷା ମାଧ୍ୟମରେ ବଛା ଯାଇଛି ଓ ଦେବାକୁ ସ୍ଥିର କରାଯାଇଛି ।

**୯. ମୋତେ ଟୀକା ଦିଆଯିବ କି ନାହିଁ, କିପରି ଜାଣିବି ?**

ଉ- ପ୍ରତ୍ୟେକ ଯୋଗ୍ୟ ହିତାଧିକାରୀଙ୍କୁ ତାଙ୍କର ପଞ୍ଜୀକୃତ ମୋବାଇଲ୍ ନମ୍ବରରେ ଏହା ଜଣାଇ ଦିଆଯିବ ।

**୧୦. ଟୀକା ସଂରକ୍ଷଣ ପାଇଁ ଆମ ଦେଶ ତଥା ରାଜ୍ୟରେ ଉପଯୁକ୍ତ ବ୍ୟବସ୍ଥା ଅଛି କି ?**

ଉ- ହଁ, ଅଛି । ଭାରତରେ ସାର୍ବଜନୀନ ଟୀକାଦାନର ଗୁଣବତ୍ତା ବେଶ୍ ଭଲ । ତେଣୁ କୋଭିଡ୍ ଟୀକାଦାନ ପାଇଁ କୌଣସି ଅସୁବିଧା ନାହିଁ ।

**୧୧. ବିନା ପଞ୍ଜିକରଣରେ ଜଣେ କୋଭିଡ୍ ଟୀକା ପାଇ ପାରିବ କି ?**

ଉ- ନା, ଟୀକାକରଣ ପାଇଁ ପୂର୍ବରୁ ପଞ୍ଜିକରଣ ନିହାତି ଦରକାର । ପଞ୍ଜିକରଣ ପରେ ଯାଇ ମୋବାଇଲ୍ ଫୋନ୍‌ରେ ଟୀକାକରଣ ତାରିଖ, ସ୍ଥାନ ଓ ସମୟ ଆଦି ବିଷୟରେ ସୂଚନା ଦିଆଯିବ ।

**୧୨. ଯଦି ଜଣେ ହିତାଧିକାରୀ ଟୀକାକରଣ ବେଳେ ତାଙ୍କର ଫଟୋ ପରିଚୟପତ୍ର ଦେଖାଇ ପାରିବେ ନାହିଁ, ତାଙ୍କୁ ଟୀକା ଦିଆଯିବ କି ?**

ଉ- ନା । ଟୀକା ନେବା ପାଇଁ ଫଟୋ ପରିଚୟପତ୍ର ଦେଖାଇବା ଜରୁରୀ । ଏହା ଦ୍ୱାରା ପ୍ରକୃତ ହିତାଧିକାରୀଙ୍କୁ ଚିହ୍ନଟ କରି ଟୀକା ଦେବା ସମ୍ଭବ ହେବ ।

**୧୩. ପଞ୍ଜିକରଣ ପାଇଁ କେଉଁ ପରିଚୟପତ୍ର ଦେଖାଇବାକୁ ହେବ ?**

ଉ- ଏଥିପାଇଁ ନିମ୍ନଲିଖିତ ଯେକୌଣସି ପ୍ରମାଣପତ୍ର ବ୍ୟବହାର କରାଯାଇ ପାରିବ:

- ଆଧାର କାର୍ଡ / ଡ୍ରାଇଭିଂ ଲାଇସେନ୍ସ / ଭୋଟ ପରିଚୟପତ୍ର / ପାସପୋର୍ଟ / ଜବ୍ କାର୍ଡ / ପେନ୍ସନ୍ କାଗଜ
- ସ୍ୱାସ୍ଥ୍ୟ ବୀମା କାର୍ଡ
- ମନରେଗା କାର୍ଡ
- କର୍ମଚାରୀଙ୍କୁ ଅଫିସ୍ ତରଫରୁ ଦିଆଯାଇଥିବା ପରିଚୟ ପତ୍ର
- ବିଧାୟକ / ସାଂସଦ ପ୍ରଭୃତିଙ୍କ ଦ୍ୱାରା ଦିଆଯାଇଥିବା ପରିଚୟ ପତ୍ର
- ବ୍ୟାଙ୍କ / ପୋଷ୍ଟ ଅଫିସ୍ ପାସ୍ ବୁକ୍

**୧୪. ଟୀକାକରଣ ସ୍ଥଳରେ କିଛି ପ୍ରତିଷେଧକ ପନ୍ଥା କିମ୍ବା ସାବଧାନତା ଅବଲମ୍ବନ କରିବା ଆବଶ୍ୟକ ଅଛିକି ?**

ଉ-
- ଟୀକାକରଣ ସ୍ଥଳରେ ଶାରୀରିକ ଦୂରତା ରକ୍ଷା, ମାସ୍କ ପିନ୍ଧିବା, ସାଧାରଣ ପରିଚ୍ଛନ୍ନତା ରକ୍ଷା ଆଦି ଜରୁରୀ ।
- ଟୀକାକରଣ କୋଠରୀକୁ ଥରକେ ଜଣେ ମାତ୍ର ପ୍ରବେଶ କରିବା ଉଚିତ୍ ।
- ଟୀକା ନେବା ପରେ ନିରୀକ୍ଷଣ ଗୃହରେ ଅନ୍ତତଃ ଅଧଘଣ୍ଟା ବସିରହିବା ପରେ ଘରକୁ ଯାଇ ହେବ ।